# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 24 July - 2025

**********************************

## ମୁଖ୍ୟ ସମ୍ବାଦ

- ବିକଶିତ ଭାରତ ଗଠନ ଲକ୍ଷ୍ୟନେଇ ଜାତୀୟ ସମବାୟ ନୀତି ୨୦୨୫ର ଶୁଭାରମ୍ଭ କଲେ ସମବାୟ ମନ୍ତ୍ରୀ ଅମିତ ଶାହା ।

— ନୂତନ ନୀତିରେ ଗାଁକୁ ସଶକ୍ତ କରିବା ଲକ୍ଷ୍ୟ, ପ୍ରତିଷ୍ଠା ହେବ ଜାତୀୟ ସମବାୟ ବିଶ୍ୱବିଦ୍ୟାଳୟ ।

- ଶିଶୁ ସୁରକ୍ଷା ଓ କଲ୍ୟାଣ ତଦାରଖ କମିଟି ବୈଠକରେ ମିଶନ ବାତ୍ସଲ୍ୟ ଯୋଜନାକୁ ଠିକ୍‌ଭାବେ କାର୍ଯ୍ୟକାରୀ କରିବା ନେଇ ଗୁରୁତ୍ୱ ପ୍ରଦାନ ।

- ଶ୍ରାବଣ କୃଷ୍ଣ ଅମାବାସ୍ୟା ତିଥିରେ ପୁରୀ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଅନୁଷ୍ଠିତ ହେଉଛି ଚିତାଲାଗି ନୀତି ।

ଏବଂ

- ଲଘୁଚାପର ପ୍ରଭାବରେ ରାଜ୍ୟରେ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ବର୍ଷା ଜାରି ରହିବା ନେଇ ପାଣିପାଗ କେନ୍ଦ୍ରର ଆକଳନ ।

## ସମବାୟ ନୀତି-୨୦୨୫

୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଗଠନ ଲକ୍ଷ୍ୟନେଇ ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଅମିତ ଶାହା ଆଜି ନୂଆଦିଲ୍ଲୀରେ ଜାତୀୟ ସମବାୟ ନୀତି ୨୦୨୫ର ଶୁଭାରମ୍ଭ କରିଛନ୍ତି । ନୂତନ ସମବାୟ ନୀତିରେ ମହିଳା, ଯୁବବର୍ଗ ଏବଂ ଅବହେଳିତ ସମୁଦାୟମାନଙ୍କୁ ସଶକ୍ତ କରିବା ପାଇଁ ପଦକ୍ଷେପ ନିଆଯାଇଛି । ସମବାୟ ମନ୍ତ୍ରୀ କହିଛନ୍ତି ନୂତନ ନୀତି ମାଧ୍ୟମରେ ପ୍ରତ୍ୟେକ ଗାଁକୁ ସଶକ୍ତ କରାଯିବ । ପ୍ରତ୍ୟେକ ଗ୍ରାମରେ ଅତିକମ୍‌ରେ ଗୋଟିଏ ଲେଖାଏଁ ସମବାୟ ସମିତି ପ୍ରତିଷ୍ଠା କରାଯିବ । ଆସନ୍ତା ବର୍ଷ ଫେବୃୟାରୀ ମାସ ସୁଦ୍ଧା ୨ଲକ୍ଷ ପ୍ରାଥମିକ କୃଷିରଣ ସମିତି ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ରଖାଯାଇଛି । ସମବାୟ ସଂସ୍ଥାଗୁଡ଼ିକୁ ସମାବେଶୀ କରିବା, ବୃତ୍ତିଭାବେ ଏହାର ପରିଚାଳନା ଏବଂ ଗ୍ରାମୀଣ କ୍ଷେତ୍ରରେ ବ୍ୟାପକ ନିଯୁକ୍ତି ଓ ଜୀବିକା ସୃଷ୍ଟିକରିବା ଏହି ନୀତିର ଅନ୍ୟତମ ମୁଖ୍ୟ ଉଦ୍ଦେଶ୍ୟ । ଶ୍ରୀ ଶାହା କହିଛନ୍ତି ଯୁବପୀଢ଼ିଙ୍କ ମଧ୍ୟରେ ନେତୃତ୍ୱର ବିକାଶ ଓ ପ୍ରଶିକ୍ଷଣ ପାଇଁ ଜାତୀୟ ସମବାୟ ବିଶ୍ୱବିଦ୍ୟାଳୟ ସ୍ଥାପନ କରାଯିବ । ଦକ୍ଷତାବିକାଶକୁ ଅଧିକ ପ୍ରୋତ୍ସାହନ ଦିଆଯିବା ସହ ଦୁଗ୍ଧ ଉତ୍ପାଦନ, ହସ୍ତଶିଳ୍ପ, ପର୍ଯ୍ୟଟନ, ସ୍ୱାସ୍ଥ୍ୟକ୍ଷେତ୍ର, ବୀମା ଆଦିର ବିକାଶ ପାଇଁ ଯୋଜନା ରହିଛି । ଶ୍ରୀ ଶାହା କହିଛନ୍ତି ନୂତନ ସମବାୟ ନୀତିରେ ସାମଗ୍ରିକ ବିକାଶକୁ ଅଧିକ ଧ୍ୟାନ ଦିଆଯାଇଛି...

**- V/O -**

ନୂତନ ଜାତୀୟ ସମବାୟ ନୀତି ପାଇଁ ୪୮ଜଣିଆ ଏକ କମିଟି ଗଠନ କରାଯାଇଥିଲା । ଏଥିରେ ବିଭିନ୍ନ କ୍ଷେତ୍ରରେ ବିଶେଷଜ୍ଞଙ୍କ ପରାମର୍ଶ ନିଆଯାଇଥିଲା ।

## ନିଯୁକ୍ତି ବୟସ ସୀମା

ରାଜ୍ୟ ସରକାର ଓଡ଼ିଶା ପୁଲିସ ସବ୍‌ଇନ୍ସପେକ୍ଟରରେ ନିଯୁକ୍ତି ପାଇଁ ସର୍ବାଧିକ ବୟସସୀମା ୩ ବର୍ଷ ପର୍ଯ୍ୟନ୍ତ କୋହଳ କରିଛନ୍ତି । ଏନେଇ ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ହାଇକୋର୍ଟଙ୍କୁ ଅବଗତ କରାଇଛନ୍ତି। ତେବେ ଏହି କୋହଳ କେବଳ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ଆବେଦନକାରୀଙ୍କ କ୍ଷେତ୍ରରେ ଲାଗୁହେବ । ୨୦୧୮ ମସିହାରୁ ସବ୍‌ଇନ୍ସପେକ୍ଟର ନିଯୁକ୍ତି ବନ୍ଦ ଥିବାରୁ ଏନେଇ ଏକ ମାମଲା ଦାୟର ହୋଇଥିଲା ।

## ଶିଶୁ ସୁରକ୍ଷା-ଆଲୋଚନା

ରାଜ୍ୟସ୍ତରୀୟ ଶିଶୁ ସୁରକ୍ଷା ଓ କଲ୍ୟାଣ ତଦାରଖ କମିଟି ବୈଠକରେ ବାତ୍ସଲ୍ୟ ଯୋଜନା ଠିକ୍ ଭାବରେ କାର୍ଯ୍ୟକାରୀ କରିବା ନେଇ ଆଲୋଚନା ହୋଇଛି । ଭୁବନେଶ୍ୱର ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଶିଶୁମାନଙ୍କ ପାଇଁ ସ୍ମାର୍ଟ ଶିକ୍ଷା ବ୍ୟବସ୍ଥା, ଆଶୀର୍ବାଦ ଯୋଜନାରେ ସହାୟତା ପ୍ରଦାନ, ଶିଶୁ ଯତ୍ନ ଅନୁଷ୍ଠାନ ଗୁଡ଼ିକରେ ଉତ୍ତମ ବ୍ୟବସ୍ଥା ଆଦି ସମ୍ପର୍କରେ ଆଲୋଚନା ହୋଇଛି । ବୈଠକରେ ଶ୍ରୀ ଆହୁଜା ସବୁ ବିଭାଗର ମିଳିତ ପ୍ରୟାସରେ ଶିଶୁ ସୁରକ୍ଷା ଓ ଯତ୍ନର ବିଭିନ୍ନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ କାର୍ଯ୍ୟ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି ।

## ସମୀକ୍ଷା ବୈଠକ

ଗଞ୍ଜାମ ଜିଲ୍ଲା ଛତ୍ରପୁରସ୍ଥିତ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ସାମାଜିକ ସୁରକ୍ଷା ବିଭାଗର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଉପଜିଲ୍ଲାପାଳ ଶିବାଶିଷ ବରାଳ ଏଥିରେ ଯୋଗଦେଇ ଜାତୀୟ ସାମାଜିକ ସହାୟତା ଓ ମଧୁବାବୁ ପେନ୍‌ସନ୍ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ । ସହରାଞ୍ଚଳ ଓ ଗ୍ରାମାଞ୍ଚଳର ପେନ୍‌ସନ ହିତାଧିକାରୀମାନଙ୍କୁ ମାସର ୧୫ରୁ ୨୦ ତାରିଖ ମଧ୍ୟରେ ଭତ୍ତା ପ୍ରଦାନ କରିବା ନିମନ୍ତେ ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ୨୦ରୁ ୨୫ ତାରିଖ ମଧ୍ୟରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରିବା ପାଇଁ କୁହାଯାଇଛି । ଜାତୀୟ ପରିବାର ମଙ୍ଗଳ ଯୋଜନା ଆନୁକୂଲ୍ୟରେ ଅଣ ବିପିଏଲ୍ ହିତାଧିକାରୀମାନେ ଆବେଦନ କରିପାରିବେ ବୋଲି ଶ୍ରୀ ବରାଳ କହିଛନ୍ତି ।

## ପ୍ରଧାନମନ୍ତ୍ରୀଙ୍କ ମାଳଦ୍ୱୀପ ଗସ୍ତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଠାରୁ ଦୁଇଦିନିଆ ମାଳଦ୍ୱୀପ ଗସ୍ତରେ ଯାଉଛନ୍ତି । ମାଳଦ୍ୱୀପର ରାଜଧାନୀ ମାଲେଠାରେ ପ୍ରଧାନମନ୍ତ୍ରୀଙ୍କ ସ୍ୱାଗତ ପାଇଁ ସେଠାରେ ଥିବା ଭାରତୀୟ ବଂଶୋଦ୍ଭବଙ୍କ ଦ୍ୱାରା ଛଉ ନୃତ୍ୟ ପରିବେଷଣର ଆୟୋଜନ କରାଯାଇଛି ।

ଏ ସମ୍ପର୍କରେ ଏକ ରିପୋର୍ଟ...

ଭାରତର ବିଭିନ୍ନ ଲୋକନୃତ୍ୟ ମଧ୍ୟରେ ଛଉର ଏକ ସ୍ୱତନ୍ତ୍ର ପରିଚୟ ରହିଛି । ୨୦୧୦ ମସିହାରେ ୟୁନେସ୍କୋ ପକ୍ଷରୁ ଛଉ ନୃତ୍ୟକୁ ଐତିହ୍ୟ ନୃତ୍ୟର ମାନ୍ୟତା ଦିଆଯାଇଛି । ନୃତ୍ୟ ଓ ଯୁଦ୍ଧ କଳାର ଏକ ମିଶ୍ରିତ ରୂପ ହେଉଛି ଛଉ । ଏହି ନୃତ୍ୟ ପରମ୍ପରାରେ ରାମାୟଣ, ମହାଭାରତ ସହ ସ୍ଥାନୀୟ ଲୋକକଥାର ପ୍ରସଙ୍ଗକୁ ପରିବେଷଣ କରାଯାଇଥାଏ । ଛଉ ନୃତ୍ୟର ପ୍ରସ୍ତୁତି ସମ୍ପର୍କରେ ଜୀବନ ଭଓ୍ୱେଶ୍ୱର କହିଛନ୍ତି...

**- V/O -**

କଳାକାରମାନେ ଆବଶ୍ୟକସ୍ଥଳେ ବିନାମୁଖା କିମ୍ବା ମୁଖାଧାରଣ କରି ଛଉ ନୃତ୍ୟ ପରିବେଷଣ କରିଥାନ୍ତି । ନୃତ୍ୟରେ ବିଭିନ୍ନ ପାରମ୍ପରିକ ବାଦ୍ୟଯନ୍ତ୍ରର ବ୍ୟବହାର କରାଯାଇଥାଏ । ଛଉ ନୃତ୍ୟ ସାମାଜିକ ସ୍ତର ଏବଂ ଜାତିଗତ ପୃଷ୍ଠଭୂମିର ଲୋକଙ୍କୁ ବିଭିନ୍ନ ସାମଜିକ ପ୍ରଥା, ବିଶ୍ୱାସ, ବୃତ୍ତି ଏବଂ ଭାଷା ସହ ଏକତ୍ରିତ କରିଥାଏ ବୋଲି ବିଶ୍ୱାସ କରାଯାଏ ।

ଆକାଶବାଣୀ କଟକ ସମ୍ବାଦ ବିଭାଗ ପାଇଁ ମୁଁ ସ୍ମୃତିରେଖା ତାରେଣିଆ ।

## ଚିତାଲାଗି ନୀତି

ପୁରୀ ଶ୍ରୀମନ୍ଦିରରେ ଆଜି ଶ୍ରାବଣ କୃଷ୍ଣ ଅମାବାସ୍ୟା ତିଥିରେ ଶ୍ରୀବିଗ୍ରହମାନଙ୍କର ଚିତାଲାଗି ନୀତି ଅନୁଷ୍ଠିତ ହେଉଛି। ପ୍ରଥମ ଭୋଗମଣ୍ଡପ ଭୋଗ ଶେଷ ହେବା ପରେ ଏହି ଗୁପ୍ତ ନୀତି ଆରମ୍ଭ ହୋଇଛି ।

 ବାହୁଡ଼ା ଯାତ୍ରାର ପୋଡ଼ପିଠା ଏବଂ ନୀଳାଦ୍ରୀ ବିଜେର ରସଗୋଲା ପରି ଚିତଉ ପିଠା ଏହି ନୀତିରେ ସ୍ୱତନ୍ତ୍ର ଭାବେ ଭୋଗ କରାଯାଇଥାଏ। ତିନି ଠାକୁରଙ୍କର ମସ୍ତକରେ ଦୀର୍ଘ ଦେଢ଼ ମାସ ପରେ ଆଜି ଶ୍ରାବଣ ଅମାବାସ୍ୟାରେ ରତ୍ନଚିତା ଲାଗି କରାଯାଇଛି। ପୌରାଣିକ ଉପାଖ୍ୟାନ ଅନୁଯାୟୀ, ଦେବତା ଏବଂ ଅସୁରଙ୍କ ଦ୍ୱାରା କ୍ଷୀର ସମୁଦ୍ର ମନ୍ଥନ ସମୟରେ ଶ୍ରାବଣ ଅମାବାସ୍ୟା ଦିନ ହିଁ ଐରାବତ ହସ୍ତି ଏବଂ ଅନେକ ରତ୍ନ ବାହରି ଥିଲା। ଐରାବତ ହସ୍ତୀକୁ ଇନ୍ଦ୍ର ନେଇଥିବାବେଳେ ଭଗବାନ ବିଷ୍ଣୁଙ୍କ ପାଖରେ ରତ୍ନଗୁଡ଼ିକ ରହିଥିଲା। ସେଇଥିପାଇଁ ଶ୍ରାବଣ ଅମାବାସ୍ୟା ଦିନ ରତ୍ନଧାରଣ ଶୁଭ ବୋଲି ବିଶ୍ୱାସ ରହିଛି। ଏଥିପାଇଁ ଶ୍ରୀମନ୍ଦିରରେ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିଛି ।

## ପର୍ଯ୍ୟଟକଙ୍କୁ ଗନ୍ଧମାର୍ଦ୍ଦନ ମନା

ବରଗଡ ଜିଲ୍ଲା ପାଇକମାଳର ଗନ୍ଧମାର୍ଦ୍ଦନ ପର୍ବତକୁ ବୁଲିବାକୁ ଯାଇ ଫସି ରହିଥିବା ୧୭ଜଣ ପର୍ଯ୍ୟଟକଙ୍କୁ ଜିଲ୍ଲା ପୁଲିସ ଏବଂ ବନବିଭାଗ ପକ୍ଷରୁ ଉଦ୍ଧାର କରାଯାଇଛି । ପ୍ରବଳ ବର୍ଷା କାରଣରୁ ପର୍ଯ୍ୟଟକମାନେ ଗନ୍ଧମାର୍ଦ୍ଦନ ପର୍ବତରେ ଅଟକି ଯାଇଥିଲେ । ପୁଲିସ କଣ୍ଟ୍ରୋଲରୁମ୍ ସହ ଯୋଗାଯୋଗ ପରେ ଗତ ରାତିରୁ ସେମାନଙ୍କୁ ଉଦ୍ଧାର କରାଯିବା ପ୍ରକ୍ରିୟା ଆରମ୍ଭ ହୋଇଥିଲା । ବରଗଡ ଏସ୍‌ପି ପ୍ରହଲ୍ଲାଦ ସହାୟ ମୀନା ବର୍ଷା ସମୟରେ ପର୍ଯ୍ୟଟକ ମାନଙ୍କୁ ଗନ୍ଧମାର୍ଦ୍ଦନ ପରିଭ୍ରମଣରେ ନ ଯିବାପାଇଁ ପରାମର୍ଶ ଦେଇଛନ୍ତି ।

## ପଞ୍ଚାୟତ ନିର୍ବାଚନ ବୈଠକ

ବୌଦ୍ଧ ଓ କନ୍ଧମାଳ ଜିଲ୍ଲାର ତ୍ରିସ୍ତରୀୟ ପଞ୍ଚାୟତିରାଜ ନିର୍ବାଚନ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ନିର୍ବାଚନ ଆୟୁକ୍ତ ମଧୁସୂଦନ ପାଢ଼ୀ ଏଥିରେ ଯୋଗଦେଇ ଆସନ୍ତା ପଞ୍ଚାୟତ ନିର୍ବାଚନ ସମ୍ପର୍କରେ ସମୀକ୍ଷା କରିବା ସହ ଶୃଙ୍ଖଳିତ ମତଦାନ ସମ୍ପର୍କରେ ଆଲୋଚନା କରିଥିଲେ । ବୈଠକରେ କନ୍ଧମାଳ ଜିଲ୍ଲାପାଳ ଅମୃତ ଋତୁରାଜ, ବୌଦ୍ଧ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ସମେତ ଜିଲ୍ଲାର ସମସ୍ତ ନିର୍ବାଚନ ଅଧିକାରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ମତ୍ସ୍ୟ ତାଲିମ ଶିବିର

ବୌଦ୍ଧ ଜିଲ୍ଲା ମତ୍ସ୍ୟବିଭାଗ ପକ୍ଷରୁ ସ୍ଥାନୀୟ ଟାଉନ୍‌ହଲଠାରେ ମତ୍ସ୍ୟଚାଷ ସଚେତନତା ଓ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ମତ୍ସ୍ୟ ଅଧିକାରୀ ଏଥିରେ ଯୋଗଦେଇ ଜିଲ୍ଲାରେ ମଧୁର ଜଳରେ ମତ୍ସ୍ୟଚାଷର ସମ୍ଭାବନା ରହିଥିବା ନେଇ ଆଲୋଚନା କରିଥିଲେ । ସରକାରଙ୍କ ପକ୍ଷରୁ ମତ୍ସ୍ୟ ଚାଷୀମାନଙ୍କ ପାଇଁ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏଥିରେ ବିଭାଗୀୟ ଅଧିକାରୀଙ୍କ ସମେତ ଜିଲ୍ଲାର ମତ୍ସ୍ୟଚାଷୀମାନେ ଯୋଗ ଦେଇଥିଲେ ।

## କାଗଜବିହୀନ ଟିକଟ

ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ଼ ରେଳମଣ୍ଡଳ କାଗଜବିହୀନ ଟିକଟ ପ୍ରଣାଳୀ ପ୍ରଚଳନ କରି ଏକ ଉଲ୍ଲେଖନୀୟ ମାଇଲଖୁଣ୍ଟ ହାସଲ କରିଛି । ଭାରତୀୟ ରେଳବାଇରେ ଡିଜିଟାଲ ପରିବର୍ତ୍ତନ ପାଇଁ ଏହା ଏକ ନୂତନ ମାନଦଣ୍ଡ ସ୍ଥାପନ କରିଛି । ମୋବାଇଲ ପ୍ଲାଟଫର୍ମରେ ୟୁଟିଏସ୍ ବ୍ୟବହାର କରି ଯାତ୍ରୀମାନେ ସିଧାସଳଖ ସ୍ମାର୍ଟଫୋନ୍‌ରୁ ଯାତ୍ରା ଟିକଟ, ସିଜିନ୍ ଟିକଟ ଏବଂ ପ୍ଲାଟଫର୍ମ ଟିକଟ ବୁକିଂ କରିପାରୁଛନ୍ତି । ବର୍ଦ୍ଧିତ ଚାହିଦାକୁ ପ୍ରୋତ୍ସାହିତ କରିବା ପାଇଁ ଖୋର୍ଦ୍ଧାରୋଡ଼ ରେଳମଣ୍ଡଳ ଏହାର ୟୁଟିଏସ୍ ନେଟୱର୍କକୁ ବିସ୍ତାର କରିଛି । ୨୦୨୪-୨୫ରେ ଜାରି ହୋଇଥିବା ଟିକଟ ୯୦ହଜାର ୫ରୁ ବୃଦ୍ଧି ପାଇ ଚଳିତ ଆର୍ଥିକ ବର୍ଷରେ ୧ଲକ୍ଷ ୮୩ହଜାର ୨୫୧ରେ ପହଞ୍ଚିଛି ବୋଲି ରେଳମଣ୍ଡଳ ପକ୍ଷରୁ କୁହାଯାଇଛି ।

## ସ୍ୱାଧୀନତା ଦିବସ-ବୈଠକ

ଢେଙ୍କାନାଳ ସଦର ମହକୁମାଠାରେ ଅଣାଅଶୀତମ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଶାନ୍ତିଶୃଙ୍ଖଳାର ସହ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ ସମସ୍ତଙ୍କର ସହଯୋଗ କାମନା କରିଛନ୍ତି ।

# ପାଣିପାଗ

ସାମୁଦ୍ରିକ ଝଡ଼ ୱିଫା ଘୂର୍ଣ୍ଣିବଳୟ ରୂପରେ ବଙ୍ଗୋପସାଗରରେ ପ୍ରବେଶ କରିଛି । ଏହାର ପ୍ରଭାବରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର

ସମ୍ଭାବନା ରହିଛି । ଲଘୁଚାପ ଅଧିକ ଘନୀଭୂତ ହୋଇ ଅବପାତର ରୂପ ନେବ। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଲଘୁଚାପର ପ୍ରଭାବରେ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିବ । ଆସନ୍ତା ୨୪ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୧୭ଟି ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି ।

ହୀରାକୁଦ ଜଳଭଣ୍ଡାରର ଜଳସ୍ତର ଆଜି ସଂଧ୍ୟା ୬ଟା ସୁଦ୍ଧା ୬୦୯ ଦଶମିକ ୪/୩ ଫୁଟ ରହିଛି। ପ୍ରତି ସେକେଣ୍ଡରେ ଜଳଭଣ୍ଡାର ମଧ୍ୟକୁ ୯୦ ହଜାର ୭୧୭ ଘନଫୁଟ ଜଳ ପ୍ରବେଶ କରୁଛି। ଏହାସହ ୮ଟି ସ୍ଲୁଇସ୍ ଗେଟ୍ ଦେଇ ୧ଲକ୍ଷ ୫୫ ହଜାର ୩୫୯ ଘନଫୁଟ ଜଳ ନିଷ୍କାସିତ ହେଉଛି ।